ସମାଜ
The Samaja
ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ

Article published in: The Samaja, Bhubaneswar Edition, 04.10.2023, Page No. 2

SCAN ME

### ନାଇଜରରେ କର୍କଟ ରୋଗ ଡାକ୍ତରଖାନା ଶିଳାନ୍ୟାସ

# ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନର ସାକ୍ଷୀ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ଜଟଣୀ, ୩।୧୦(ନି.ପ୍ର): କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଆଉ ପାଦେ ଆଗେଇଛି ଓଡ଼ିଶା। ମଙ୍ଗଳବାର ଜଟଣୀ ନାଇଜର କ୍ୟାମ୍ପସରେ ହୋମିଭାବା କର୍କଟ ଡାକ୍ତରଖାନା ଓ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଡାକ୍ତରଖାନାରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ସହ ଗବେଷଣା କରାଯିବ ଏବଂ ୨ଶହ ଶଯ୍ୟା ବିଶିଷ୍ଟ ଏହି କର୍କଟ ଡାକ୍ତରଖାନା ଡିସେମ୍ବର ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ

**୨୦୨୫ ଡିସେମ୍ବର ସୁଦ୍ଧା ଡାକ୍ତରଖାନା କାର୍ଯ୍ୟକ୍ଷମ**

**ନାଇଜରକୁ ସଡ଼କ, ଆଧାର କେନ୍ଦ୍ର, ମୋ ବସ୍, ବିଏସ୍‌କେୱାଇ**

ହେବା ଲକ୍ଷ୍ୟ ରଖାଯାଇଛି। ଏଠାରେ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଗବେଷଣା କେନ୍ଦ୍ର, ବିଶ୍ୱସ୍ତରୀୟ କର୍କଟ ଯତ୍ନ ମିଳିବା ସହ ନୂତନ ଉଦ୍‌ଭାବନ କେନ୍ଦ୍ର ହେବାକୁ ଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସାକ୍ଷୀ ଓଡ଼ିଶା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କର୍କଟ ଚିକିତ୍ସା କ୍ଷେତ୍ରରେ ଏହି ସୁବିଧା ଓଡ଼ିଶାବାସୀଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ହେବ। ଲୋକଙ୍କୁ ଚିକିତ୍ସା ପାଇଁ ମୁମ୍ବାଇ କିମ୍ବା ଅନ୍ୟ ବଡ଼ ସହର ଯିବାକୁ ପଡ଼ିବ ନାହିଁ। ଏହା ଲୋକଙ୍କୁ ଆର୍ଥିକ ଓ ମାନସିକ ଦୁଃସ୍ଥିତିରୁ ବହୁ ପରିମାଣରେ ରକ୍ଷା କରିବ। ଓଡ଼ିଶା ବ୍ୟତୀତ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଛତିଶଗଡ଼ର କର୍କଟ ରୋଗୀ ମଧ୍ୟ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସମସ୍ତ ସହାୟତା ଯୋଗାଇ ଦେବା ଲାଗି ନାଇଜର, ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ଟାଟା ମେମୋରିଆଲ ସେଣ୍ଟରକୁ ଦାୟିତ୍ୱ ଦିଆଯାଇଛି। ରୋଗୀଙ୍କୁ ଗମନାଗମନ ପାଇଁ ରାଜ୍ୟ ସରକାର ଏଠାକୁ ସଡ଼କ ଯୋଗାଇ ଦେବେ। କର୍କଟ ଚିକିତ୍ସାଳୟର ନିକଟବର୍ତ୍ତୀ ଅଞ୍ଚଳରେ ଉଚ୍ଚ ଶ୍ରେଣୀ ବସ୍ ଷ୍ଟପ୍ ଏବଂ ଏକ ସମର୍ପିତ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଲୋକ ଯା'ଆସ କରିବା ପାଇଁ ମୋ ବସ୍ ଚଳାଚଳ କରିବ। ଓଡ଼ିଶାର ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଡାକ୍ତରଖାନାକୁ ମଧ୍ୟ ତାଲିକାଭୁକ୍ତ କରାଯିବ। ଲୋକଙ୍କ ପାଇଁ ଏହି କର୍କଟ ଡାକ୍ତରଖାନା ପରିସରରେ ଏକ ଆଧାର କେନ୍ଦ୍ର ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଥିଲେ ଯେ, ରାଜ୍ୟ ସରକାର ଏଠାରେ ଏକ ମେଡିକାଲ ସାଇକ୍ଲୋଟ୍ରନ୍ ସୁବିଧା ପ୍ରତିଷ୍ଠା ପାଇଁ



୬୫ ଏକରରୁ ଅଧିକ ଜମି ଏବଂ ୧୫୦କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହା ଏସିଆର ସବୁଠାରୁ ଉନ୍ନତ ଗବେଷଣାସ୍ତରର ସାଇକ୍ଲୋଟ୍ରନ୍ ହେବ। ସ୍ୱାସ୍ଥ୍ୟସେବାକୁ ରାଜ୍ୟ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଆମେ ଆମର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରୁଛୁ, ସ୍ୱାସ୍ଥ୍ୟ ଶିକ୍ଷାକୁ ପ୍ରାଥମିକତା ଦେଉଛୁ, ନିୟମିତ ଡାକ୍ତର ନିଯୁକ୍ତି ଦେଉଛୁ। ପ୍ରତିବର୍ଷ ନୂତନ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ତାଲିମପ୍ରାପ୍ତ ଡାକ୍ତର ସୃଷ୍ଟି କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶର ଶୀର୍ଷ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକରେ ୯୪ଲକ୍ଷରୁ ଅଧିକ ପରିବାରକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି ବୋଲି ସେ କହିଥିଲେ।

ପ୍ରତ୍ୟେକ ମାସରେ ପ୍ରାୟ ୧.୨୫ଲକ୍ଷ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବାବଦରେ ୨୨୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରୁଛୁ। ଏହି କାର୍ଯ୍ୟକ୍ରମ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବୋଝରୁ ମୁକ୍ତ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛି। ଓଡ଼ିଶା ସରକାର ସେପ୍ଟେମ୍ବର ୨୦୨୨ରେ ଟାଟା ମେମୋରିଆଲ ସେଣ୍ଟର ସହିତ ଜଟଣୀଠାରେ ଥିବା ନାଇଜର ପରିସରରେ ୨୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କର୍କଟ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏଚ୍‌ବିସିଏଚ୍‌ଆରସି ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରକଳ୍ପ, ଯାହା ବିଶ୍ୱସ୍ତରୀୟ କର୍କଟ ସେବା, ଗବେଷଣା ଏବଂ ସହାୟତା ପାଇଁ ଉତ୍ସର୍ଗୀକୃତ। ଏହି ସୁବିଧାରେ ଅତ୍ୟାଧୁନିକ ଜ୍ଞାନକୌଶଳ, ପ୍ରସିଦ୍ଧ ଚିକିତ୍ସା ବିଶେଷଜ୍ଞ ଏବଂ କର୍କଟ ଚିକିତ୍ସା ପାଇଁ ରୋଗୀ-କେନ୍ଦ୍ରିତ ଆଭିମୁଖ୍ୟ ପ୍ରଦାନ କରାଯିବ। କର୍କଟରେ ଆକ୍ରାନ୍ତ ବ୍ୟକ୍ତି ଓ ପରିବାରକୁ ବ୍ୟାପକ ଓ ଅନୁକମ୍ପାମୂଳକ ସେବା ପ୍ରଦାନ କରି ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଏହି ମିଶନର ଉଦ୍ଦେଶ୍ୟ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ୨୫୦ କୋଟି ଟଙ୍କା ବ୍ୟୟରେ ଏହି ଡାକ୍ତରଖାନା ନିର୍ମାଣ କରାଯିବ। ଏହାକୁ ପରିଚାଳନା କରିବା ପାଇଁ ଟାଟା ମେମୋରିଆଲ ସେଣ୍ଟର, ଆଣବିକ ଶକ୍ତି ବିଭାଗକୁ ଦାନ କରିବ। ଆଣବିକ ଶକ୍ତି ବିଭାଗ ଉପକରଣ କ୍ରୟ, ଧର୍ମଶାଳା, ଆବାସିକ କମ୍ପ୍ଲେକ୍ସ ନିର୍ମାଣ ଏବଂ ମାନବ ସମ୍ବଳ ଲାଗି ୪୦୦ କୋଟି ଟଙ୍କା ମଞ୍ଜୁର କରିଛି।

ଏହି କେନ୍ଦ୍ରରେ ଅତ୍ୟାଧୁନିକ କର୍କଟ ଚିକିତ୍ସା ପ୍ରଯୁକ୍ତି ରହିବ, ଯେଉଁଥିରେ ରେଡିଏସନ ଥେରାପି, ଆଡ଼ଭାନ୍ସ ସର୍ଜରୀ, କେମୋଥେରାପି, ଟାର୍ଗେଟେଡ ଥେରାପି ଏବଂ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ସାମିଲ ରହିଛି। ଏହା କର୍କଟ ଗବେଷଣା, ନବସୃଜନକୁ ପ୍ରୋତ୍ସାହନ ଦେବ। କର୍କଟ ଚିକିତ୍ସା ଓ ନିରାକରଣ କ୍ଷେତ୍ରରେ ସଫଳତାର କେନ୍ଦ୍ର ହେବ। ଏହି ଅନୁଷ୍ଠାନ ଖୋର୍ଦ୍ଧା ଜିଲାରେ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ କାର୍ଯ୍ୟକ୍ରମ ମାଧ୍ୟମରେ କର୍କଟର ନିରାକରଣ, ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରୋତ୍ସାହିତ କରିବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଆଣବିକ ଶକ୍ତି ବିଭାଗ ସଚିବ ଅଜିତ ମହାନ୍ତି ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ନିର୍ଦ୍ଦେଶକ ବକ୍ତବ୍ୟ ରଖିଥିଲେ।